# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29 April - 2024**

*News Editor : Tapan Kumar Maharana*

********************************

## ମୁଖ୍ୟ ସମ୍ବାଦ

- ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ସହିତ ୪୨ ବିଧାନସଭା ଆସନ ପାଇଁ ଆଜି ବାହାରିଲା ବିଜ୍ଞପ୍ତି

- କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ଅଭିଯୋଗ ମାମଲାର ରାୟ ସଂରକ୍ଷିତ ରଖିଲେ ଓଡ଼ିଶା ହାଇକୋର୍ଟ

- କଳାର ସୃଜନୀଶୀଳ ରୂପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ନୃତ୍ୟ ଦିବସ

ଏବଂ

- ସମଗ୍ର ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ରାଜ୍ୟର ୫ଟି ସହରର ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ

# ତୃତୀୟ ପର୍ଯ୍ୟାୟ ନିର୍ବାଚନ ବିଜ୍ଞପ୍ତି

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ବିଧିବଦ୍ଧ ଭାବରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଏବଂ ଏହି ଆସନ ପରିସରରେ ଆସୁଥିବା ୪୨ଟି ବିଧାନସଭା ଆସନଗୁଡ଼ିକ ପାଇଁ ମଇ ମାସ ୨୫ ତାରିଖରେ ଭୋଟ ନିଆଯିବ। ଆଜିଠାରୁ ଏହିସବୁ ଆସନ ଲାଗି ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାସ ୬ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବାବେଳେ ୭ ତାରିଖ ଦିନ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ଏହି ପର୍ଯ୍ୟାୟରେ ରାଜ୍ୟର ୯୪ ଲକ୍ଷ ୪୧ ହଜାର ୭୯୭ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୪୮ ଲକ୍ଷ ୨୬ ହଜାର ୩୭୫ ଜଣ ପୁରୁଷ ମତଦାତା ଥିବାବେଳେ ୪୬ ଲକ୍ଷ ୧୪ ହଜାର ୧୩୪ ଜଣ ମହିଳା ମତଦାତା ରହିଛନ୍ତି।  ୧ ହଜାର ୨୮୮ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ସେହିପରି ୨ ଲକ୍ଷ ୩୫ ହଜାର ୭୬୪ ଜଣ ଯୁବ ମତଦାତା ପ୍ରଥମ ଥରଲାଗି ଭୋଟ୍ ଦେବେ। ଏହି ପର୍ଯ୍ୟାୟରେ ମତଦାନ ପାଇଁ ମୋଟ୍ ୧୦ ହଜାର ୫୧୫ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇବା ପରେ **କଟକ** ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ କହିଛନ୍ତି, ପ୍ରାର୍ଥୀମାନେ ସକାଳ ଏଗାରଟାରୁ ଦିନ ତିନିଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ

କରିପାରିବେ। ଏହି ପର୍ଯ୍ୟାୟରେ କଟକ ଲୋକସଭା ନିର୍ବାଚନ ମଣ୍ଡଳୀର ବଡମ୍ବା, ବାଙ୍କୀ, ଆଠଗଡ, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଓ ଖଣ୍ଡପଡା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ମତଦାନ ଅନୁଷ୍ଠିତ ହେବ। ଜିଲ୍ଲାର ମୋଟ୍ ୧୩ ଲକ୍ଷ ୮୩ ହଜାର ୫୪୦ ଭୋଟର ଏହି ପର୍ଯ୍ୟାୟରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ।

ଆଠଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡ଼ି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

**ବୌଦ୍ଧ** ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ପ୍ରଦୀପ ଅମାତ ଏବଂ କନ୍ଧମାଳ ନିର୍ବାଚନ ମଣ୍ଡଳୀରୁ ମହୀଧର ରଣା ଆଜି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

**କେନ୍ଦୁଝର** ଲୋକସଭା ଆସନ ପାଇଁ ବିଜେଡ଼ି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ସେହିପରି ରାଉରକେଲା ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟ ଏବଂ ବୀରମିତ୍ରପୁର ପାଇଁ ଶଙ୍କର ଓରାମ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଅନ୍ୟପକ୍ଷରେ ବିଧାନସଭା ନିର୍ବାଚନ ପାଇଁ ଆଜି ରାୟଗଡ଼ା ଜିଲ୍ଲାର ୩ଟି ପ୍ରାର୍ଥୀପତ୍ର ପ୍ରତ୍ୟାହାର ହୋଇଛି। ସେଠାରେ ୩୦ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ବୈଧ ରହିଛି। ଗୁଣୁପୁର ନିର୍ବାଚନମଣ୍ଡଳୀରୁ ୨ ଜଣ ପ୍ରାର୍ଥୀ ଏବଂ ରାୟଗଡ଼ାରୁ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ଆମ ସମ୍ବାଦଦାତା

ଜଣାଇଛନ୍ତି । ସେହିଭଳି ବିଷମକଟକ ଆସନରେ ୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ୍ ରହିଥିବା ଜଣାପଡିଛି ।

**ମାଲକାନଗିରି** ଜିଲ୍ଲାର ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର ପରେ ୯ ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି ।

## ପ୍ରାର୍ଥୀପତ୍ର ଦାଖଲ

ବଲାଙ୍ଗିର ସଂସଦୀୟ କ୍ଷେତ୍ର ପାଇଁ ବିଜେପି ପ୍ରାର୍ଥୀ ସଂଗୀତାକୁମାରୀ ସିଂଦେଓ ନାମାଙ୍କନ ପତ୍ର ଦାଖଲ କଲେ ।

ଲୋଇସିଂହା ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଡା.ମୁକେଶ ମହାଲିଙ୍ଗ ପ୍ରାର୍ଥୀପତ୍ର ଦାଖଲକଲେ ।

ପୁରୀ ଲୋକସଭା ଆସନରୁ ବିଜେପିର ପ୍ରାର୍ଥୀ ଡା. ସମ୍ବିତ ପାତ୍ର, ପିପିଲି ବିଧାନସଭା ଆସନରୁ ବିଜେପିର ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାନସଭା ଆସନରୁ ବିଜେଡ଼ି ପ୍ରାର୍ଥୀ ସୁନିଲ ମହାନ୍ତି ଓ ସ୍ୱାଧିନ ପ୍ରାର୍ଥୀ ହରେକୃଷ୍ଣ ସିଂହାରୀ, ସତ୍ୟବାଦୀ ବିଧାନସଭା ଆସନରୁ ବିଜେଡ଼ି ପ୍ରାର୍ଥୀ ସଞ୍ଜୟ ଦାସବର୍ମା ପ୍ରମୁଖ ଆଜି ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ବାଲିଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲକଲେ ବିଜେଡ଼ି ବିଧାୟକ ପ୍ରାର୍ଥୀ ଚକ୍ରମଣି କହଁର ।

ଫୁଲବାଣୀ ପୂର୍ବତନ ବିଜେଡି ବିଧାୟକ ଦେବେନ୍ଦ୍ର କହଁର ଆଜି ସମାଜବାଦୀ ପାର୍ଟୀରୁ ତାଙ୍କର ନାମାଙ୍କନ ଭରିଛନ୍ତି ।

## କନିଷ୍ଠ ଶିକ୍ଷକ ମାମଲା

ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ଓ ଅଭିଯୋଗ ମାମଲାର ଓଡିଶା ହାଇକୋର୍ଟରେ ଆଜି ଶୁଣାଣି ହୋଇଥିଲା। ନିଯୁକ୍ତି ବିଜ୍ଞପ୍ତିର ନିୟମ ଏବଂ ସର୍ତ୍ତାବଳୀ ଆଧାରରେ ମେଧାତାଲିକା ପ୍ରକାଶ କରାଯାଇ ନ ଥିବାରୁ ଏହାକୁ ଚ୍ୟାଲେଞ୍ଜ କରି କେତେକ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ଦ୍ୱାରା ପ୍ରସ୍ତୁତ ମେଧାତାଲିକାକୁ ଓଡିଶା ହାଇକୋର୍ଟ ଗତ ମାର୍ଚ୍ଚମାସ ୧୨ ତାରିଖରେ ରଦ୍ଦ କରିଥିଲେ । ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଗତ ୨୫ତାରିଖ ଦିନ ମାମଲାର ଶୁଣାଣୀ କରିଥିଲେ। ଆଜି ରାୟ ପ୍ରକାଶ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ, ଖଣ୍ଡପୀଠ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି।

## ଅନ୍ତର୍ଜାତୀୟ ନୃତ୍ୟ ଦିବସ

ନୃତ୍ୟ ହେଉଛି କଳାର ସୃଜନଶୀଳ ରୂପ, ଯାହା ମନୁଷ୍ୟର ଆଭ୍ୟନ୍ତରୀଣ ଶକ୍ତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ଏହି ବାର୍ତ୍ତା ନେଇ ଆଜି ବିଶ୍ୱରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଏପ୍ରିଲ ମାସ ୨୯ତାରିଖରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍-ଜର୍ଜେସ୍ ନୋଭେରଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଉଛି । ୧୯୮୨ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିବର୍ଷ ଅନ୍ତର୍ଜାତୀୟ

ନୃତ୍ୟ କମିଟି ଦ୍ୱାରା ଜଣେ ନୃତ୍ୟଗୁରୁ କିମ୍ବା ନୃତ୍ୟ ଶିଳ୍ପୀଙ୍କୁ ଚୟନ କରାଯାଇଥାଏ । ସେମାନେ ବିଶ୍ୱବାସୀଙ୍କ ପାଇଁ ପ୍ରେରଣାତ୍ମକ ବାର୍ତ୍ତା ଦେଇଥାଆନ୍ତି, ସେହି ବାର୍ତ୍ତାକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ବିଶ୍ୱସ୍ତରରେ ପ୍ରସାର କରାଯାଇଥାଏ ।

ଓଡ଼ିଶାରେ ବିଭିନ୍ନ ଲୋକକଳା ଯେପରି ଯାତ୍ରା, ଅଭିନୟ, ପାଲ୍ଲା, ଦାସକାଠିଆ, ଗୀତିନାଟ୍ୟ, କଣ୍ଢେଇନାଚ, ଚଇତିଘୋଡା ନାଚ, ସୁଆଙ୍ଗ, କେନ୍ଦରା ଗୀତ, ଖଞ୍ଜଣୀ ଭଜନ ଆଦି ପିଢ଼ି ପରେ ପିଢ଼ି ଓଡ଼ିଆ ସାହିତ୍ୟର ସୃଷ୍ଟି, ସ୍ଥିତି ଓ ବିକାଶରେ ଏକ ବଳିଷ୍ଠ ମାଧ୍ୟମ ହୋଇ ରହିଆସୁଛି । ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ରାଜ୍ୟର ନୃତ୍ୟପ୍ରେମୀମାନଙ୍କ ତରଫରୁ ବିଭିନ୍ନ ରଙ୍ଗମଞ୍ଚରେ ଆଜି କାର୍ଯ୍ୟକ୍ରମମାନ ଆୟୋଜନ ହେବାର ସମ୍ବାଦ ଆମର ହସ୍ତଗତ ହୋଇଛି ।

## ନିର୍ବାଚନ ସ୍ଥିତି-ବରଗଡ଼

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବରଗଡ଼ ଜିଲ୍ଲାରେ ୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଚାଲିଛି । ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ' ମାଧ୍ୟମରେ ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି । ପ୍ରଚଣ୍ଡ

ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ମତା ମଧ୍ୟ ବୃଦ୍ଧି ପାଉଛି। ବରଗଡ଼ ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା **ଉମେଶ ଚନ୍ଦ୍ର ବିଶ୍ୱାଳ**ଙ୍କ ରିପୋର୍ଟ...

**- V/O –**

**ପୁଲିସ୍ ମହାନିର୍ଦ୍ଦେଶକଙ୍କ ନୂଆପଡା ଗସ୍ତ**

ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ ଆଜି ନୂଆପଡା ଗସ୍ତ କରି ନିର୍ବାଚନ ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା କରିଛନ୍ତି। ଉଭୟ ନୂଆପଡା ଓ କଳାହାଣ୍ଡିରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ନିର୍ବାଚନ ପ୍ରାକ୍ ପ୍ରସ୍ତୁତି, ସୀମା ସୁରକ୍ଷା ପୋଷ୍ଟ ନିର୍ମାଣ, ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଗଠନ, ଯାଞ୍ଚ ଏବଂ ଫ୍ଲାଗ୍‌ମାର୍ଚ୍ଚ ନେଇ ସମୀକ୍ଷା କରାଯାଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଥିବା ୧୦ ସେକ୍ସନ୍ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ ମୁତୟନ କରାଯିବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି। ଏହି ବୈଠକରେ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜୟ କୁମାର ଏବଂ ଅନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀମାନେ ସାମିଲ ଥିଲେ।

## ପାଣିପାଗ

ପଶ୍ଚିମା ଏବଂ ଉତ୍ତର ପଶ୍ଚିମା ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ସମଗ୍ର ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ଜାରି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ବାରିପଦା, ଅନୁଗୁଳ, ବୌଦ୍ଧ, ତାଳଚେର ଏବଂ ଭବାନୀପାଟଣା ସହରର ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ

ଥିଲା ।  ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ବାରିପଦାରେ ୪୪ ଦଶମିକ ୮ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ବଲାଙ୍ଗିର, ନୂଆପଡା, ମାଲକାନଗିରି, ଟିଟିଲାଗଡ଼ ସହିତ ରାଜ୍ୟର ୧୩ଟି ସ୍ଥାନରେ ଆଜି ଦିନର ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଥିଲା। ପଶ୍ଚିମ ଓଡ଼ିଶାର ସମସ୍ତ ସ୍ଥାନର ସର୍ବାଧିକ ତାପାମାତ୍ରା ୪୧ ଡିଗ୍ରୀରୁ ଅଧିକ ଥିଲା। ଲଗାତାର ୩ ଦିନ ପରେ ଆଜି ଭୁବନେଶ୍ୱରର ତାପମାତ୍ରା ସାମାନ୍ୟ ହ୍ରାସ ପାଇଁ ୪୧ ଦଶମିକ ୩ ଡିଗ୍ରୀ ସେଲସିୟସ୍‌ରେ ସୀମିତ ଥିଲା। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ।

ଅନ୍ୟପକ୍ଷରେ, କାଳବୈଶାଖୀର ପ୍ରଭାବରେ ଆଜି କେତେକ ସ୍ଥାନରେ ଝଡ଼ତୋଫାନ ହେବା ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି।

ଆଜି ଅପରାହ୍ଣରେ ରାୟଗଡ଼ା ଏବଂ ନୂଆପଡା ଜିଲ୍ଲାରେ କାଳବୈଶାଖୀ ଜନିତ ପବନ ଓ ବର୍ଷା ଯୋଗୁଁ କେତେକ ସ୍ଥାନରେ ଗଛ ଉପୁଡି ଯିବା ସହିତ ଅନ୍ୟ କ୍ଷୟକ୍ଷତି ହୋଇଥିବାର ସୂଚନା ଆମର ହସ୍ତଗତ ହୋଇଛି।

## ଅଂଶୁଘାତ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଯୋଗୁଁ ବିଭିନ୍ନ ସ୍ଥାନରେ ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ରାଜ୍ୟରେ ୨୫୭ ଜଣ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବାବେଳେ ପଶ୍ଚିମ ଓଡିଶାର ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୬୦ ଜଣ ଏବଂ ମୟୂରଭଞ୍ଜରେ ୪୦ ଜଣ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ  ଅଂଶୁଘାତରେ ଆଉ

ଜଣଙ୍କର ମୃତ୍ୟୁ ହେବା ପରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି । ମୃତକ ଜଣକ ଢେଙ୍କାନାଳ ଜିଲ୍ଲାର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି ।

*********************************